# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20 June – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ପୂର୍ବ ଭାରତର ବିକାଶରେ ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଛି; କହିଲେ ପ୍ରଧାନମନ୍ତ୍ରୀ
- ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ଭୁବନେଶ୍ୱରରେ ୧୮ ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ
- 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'ର ବାର୍ତ୍ତା ନେଇ ଆସନ୍ତାକାଲି ପାଳନ କରାଯିବ 'ଆନ୍ତର୍ଜାତିକ ଯୋଗ ଦିବସ'

— ଭୁବନେଶ୍ୱରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

- ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେଉଛି ଶ୍ରୀବିଗ୍ରହମାନଙ୍କର ଚକାବିଜେ ନୀତି

ଏବଂ

- ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସ୍ନାତକ ନାମଲେଖା ଅବଧି ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପୂର୍ବ ଭାରତର ବିକାଶରେ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ପ୍ରଧାନମନ୍ତ୍ରୀ ଆଜି ୧୮ ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସମ୍ବୋଧନ ଦେଇ ଶ୍ରୀ ମୋଦୀ ରାଜ୍ୟରେ ବିଜେପି ସରକାରଙ୍କ ବର୍ଷପୂର୍ତ୍ତିକୁ ସେବା ସୁଶାସନ ଓ ଜନଭାଗୀଦାରିର ବର୍ଷ ବୋଲି ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସଂସ୍କୃତିସମ୍ପନ୍ନ ଓଡ଼ିଶା ବିଗତ ବର୍ଷକ ମଧ୍ୟରେ ବିକାଶ ଓ ଐତିହ୍ୟକୁ ବିସ୍ତାରିତ କରିବାରେ ସଫଳ ହୋଇଛି। ପାରାଦ୍ୱୀପ-ଚଣ୍ଡିଖୋଲ ଓ ଗୋପାଳପୁର ଓଡ଼ିଶାକୁ ଶିଳ୍ପ ପେଣ୍ଠସ୍ଥଳି ଭାବେ ପରିଣତ କରିଛି। ପେଟ୍ରୋ କେମିକାଲ କ୍ଷେତ୍ରରେ ଓଡ଼ିଶାରେ ଦେଢ଼ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଛି। ଏହା ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।....

**- V/O - (PM)**

ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶାରେ ବିକାଶର ଡବଲ ଇଞ୍ଜିନ୍ ଚାଲିଛି। ପୂର୍ବରୁ ଆଦିବାସୀମାନଙ୍କୁ ଉପେକ୍ଷା କରାଯାଉଥିଲା। ତେବେ ବର୍ତ୍ତମାନର ବିଜେପି ସରକାର ଏହାକୁ ଦୂର କରିବାରେ ସଫଳ ହେବା ସହ ଆଦିବାସୀ ସମାଜକୁ ନକ୍ସଲବାଦରୁ ମୁକ୍ତି ମିଳିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।...

**- V/O - (PM)**

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ପେଣ୍ଠସ୍ଥଳିଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ସଡକ, ରେଳ ଓ ବିମାନ ଭିତ୍ତିଭୂମି ସୁଦୃଢ଼ ପାଇଁ

ପ୍ରଧାନମନ୍ତ୍ରୀଙ୍କ ସହଯୋଗକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ୨୦୩୬ ମସିହାସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଏବଂ ୨୦୪୭ ମସିହା ସୁଦ୍ଧା ୧ ଦଶମିକ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି ପହଞ୍ଚାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆଜି ବୌଦ୍ଧ-ଭୁବନେଶ୍ୱର-ପଶ୍ଚିମ ଓଡ଼ିଶାକୁ ରାଜଧାନୀ ସହ ସଂଯୋଗ କରିବା ପାଇଁ ନୂତନ ରେଳସେବା ଓ ୧୦୦ଟି ବ୍ୟାଟେରୀ ଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି। ସେହିଭଳି ବରପୁତ୍ର ସମ୍ମାନ ଯୋଜନା, ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପୁସ୍ତିକା ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପୁସ୍ତିକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ, ଲକ୍ଷପତି ଦିଦିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ମୋଦୀ ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଜନତା ମଇଦାନ ପର୍ଯ୍ୟନ୍ତ ରୋଡ୍ ସୋ’ କରିଥିଲେ।

ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ସ୍କୁଲ ଖୋଲିଲା

ଗ୍ରୀଷ୍ମ ଅବକାଶ ପରେ ଆଜିଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିଛି। ତେବେ ଝାଡ଼ାବାନ୍ତି ସଂକ୍ରମଣ ଯୋଗୁଁ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ସ୍କୁଲ ଖୋଲିବା ତାରିଖ ଅବଧିକୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଆଉ କିଛି ଦିନ ବୃଦ୍ଧି କରାଯାଇଛି। ଏହାଛଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କର ଆଜି ଭୁବନେଶ୍ୱର ଗସ୍ତକୁ ଦୃଷ୍ଟିରେ ରଖି କଟକ ଓ ଭୁବନେଶ୍ୱରରେ ସମସ୍ତ ବିଦ୍ୟାଳୟ ବନ୍ଦ ରହିଥିଲା ।

## ଡାଇରିଆ ସ୍ଥିତି

**ଯାଜପୁର** ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣାଧୀନ ରହିଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ଜିଲ୍ଲାର ୧୩ଟି ଡାକ୍ତରଖାନାରେ ୧୪୬ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଜିଲ୍ଲାରେ ବେଆଇନ୍ ଭାବେ ଚାଲୁଥିବା ପାଣି କାରଖାନା ଏବଂ ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ଜିଲ୍ଲାରେ ଡାଇରିଆରେ ମୃତକଙ୍କ ସଂଖ୍ୟା ୮ରେ ପହଞ୍ଚିଥିବା ବେଳେ ୧୬ଟି ନମୁନାରୁ ହଇଜା ପଜିଟିଭ୍ ଚିହ୍ନଟ ହୋଇଛି ।

## ଡାଇରିଆ

**ଢେଙ୍କାନାଳ** ଜିଲ୍ଲା ଭୁବନ ବ୍ଲକ୍‌ରେ ଡାଇରିଆ ସଂକ୍ରମଣରେ ୧୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୭ ଜଣ ଭୁବନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସଂକ୍ରମଣକୁ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ବ୍ଲକ୍‌ର ବିଭିନ୍ନ ହୋଟେଲରେ ଖାଦ୍ୟର ମାନ ପରୀକ୍ଷଣ କରାଯାଇଛି ।

## ଡାଇରିଆ ବୈଠକ

**କଳାହାଣ୍ଡି** ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ଭବାନୀପାଟଣା, ଧର୍ମଗଡ଼, ଜୁନାଗଡ଼, କେସିଙ୍ଗା ଏବଂ ସମସ୍ତ ବ୍ଲକ୍ ସ୍ତରରେ ସଂକ୍ରମଣକୁ ପ୍ରତିହତ ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଆନ୍ତର୍ଜାତିକ ଯୋଗ ଦିବସ

**"ଏକ ପୃଥିବୀ : ଏକ ସ୍ୱାସ୍ଥ୍ୟପାଇଁ ଯୋଗ"** ର ବାର୍ତ୍ତା ନେଇ ଆସନ୍ତାକାଲି ବିଶ୍ୱବ୍ୟାପୀ ପାଳନ କରାଯିବ ଆନ୍ତର୍ଜାତିକ ଯୋଗଦିବସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶାଖାପଟନମ୍‌ଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୋଗଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଦେଶରେ ୩ ଲକ୍ଷ ୫୦ ହଜାରରୁ ଅଧିକ ସ୍ଥାନରେ ଆସନ୍ତାକାଲି ଯୋଗ ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏକାଦଶ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ କୋଣାର୍କ ସମେତ ଦେଶର ୧୦୦ଟି ପର୍ଯ୍ୟଟନ ସ୍ଥଳୀ ଏବଂ ୫୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କେନ୍ଦ୍ରରେ ଯୋଗ ଶିବିରମାନ ଅନୁଷ୍ଠିତ ହେବ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯିବ। ଏଥିପାଇଁ ୧୪ଟି ଜିଲ୍ଲାରେ ୧୪ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବେ।

## ଯୋଗ ଦିବସ-କଳାହାଣ୍ଡି

ଯୋଗ ହେଉଛି ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଅଭ୍ୟାସ। ପ୍ରାଚୀନ ସଂସ୍କୃତିର ଅନନ୍ୟ ଉପହାର ହେଉଛି ଯୋଗ। ପ୍ରତିଦିନ ଯୋଗାଭ୍ୟାସ ଦ୍ୱାରା ମନ ଶାନ୍ତ ରହିବା ସହିତ ଶରୀରକୁ ଶକ୍ତି ମିଳିଥାଏ। ଚଳିତ ବର୍ଷ **କଳାହାଣ୍ଡି** ଜିଲ୍ଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ। ଯୋଗଦିବସର ମହତ୍ତ୍ୱ ସମ୍ପର୍କରେ ଯୋଗଗୁରୁ **ହେମନ୍ତ କୁମାର ମିଶ୍ର** କହନ୍ତି.....

**- V/O -** (ହେମନ୍ତ କୁମାର ମିଶ୍ର)

## ଯୋଗ-ଜିଲ୍ଲା

**କେନ୍ଦ୍ରାପଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆସନ୍ତାକାଲି ସକାଳ ୬ଟାରେ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯିବ। କାର୍ଯ୍ୟକ୍ରମରେ ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେବେ।

## ସ୍ନାତକ ନାମଲେଖା

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସ୍ନାତକ ନାମଲେଖା ଅବଧି ଆସନ୍ତାକାଲି ଅପରାହ୍ଣ ୩ଟା ଯାଏଁ ବୃଦ୍ଧି କରାଯାଇଛି।  ଛାତ୍ରଛାତ୍ରୀ ନାମଲେଖା ଫି' ଜମା କରି ନଥିଲେ ଏହି ସମୟସୀମା ମଧ୍ୟରେ ଜମା କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ କଲେଜରେ ରିପୋର୍ଟିଂ କରି ନଥିଲେ ଧାର୍ଯ୍ୟ ଅବଧି ମଧ୍ୟରେ ରିପୋର୍ଟିଂ କରିପାରିବେ ବୋଲି କୁହାଯାଇଛି।

## ଚକାବିଜେ ନୀତି

ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ଚକାବିଜେ ନୀତି ଅନୁଷ୍ଠିତ ହେଉଛି। ଦଇତାପତିମାନଙ୍କ ଦ୍ୱାରା ଗୁପ୍ତ ଉପଚାର ପରେ ମହାପ୍ରଭୁ ଧୀରେଧୀରେ ସୁସ୍ଥ ହୋଇ ଶୋଇବା ଅବସ୍ଥାରୁ ଉଠି ବସିବେ। ମଧ୍ୟାହ୍ନ ଧୂପ ଓ ଭୋଗମଣ୍ଡପ ନୀତି ପରେ ଜୟ-ବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ-ଦ୍ୱାର ଫିଟାଯିବା ସହ ଶ୍ରୀଜୀଉମାନଙ୍କୁ ଚକା ଉପରେ ଦଇତାପତିମାନେ ବିଜେ କରାଇବେ।

ଅନ୍ୟପକ୍ଷରେ, ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ସୁସ୍ଥତା ପାଇଁ ରାଜବୈଦ୍ୟଙ୍କ ଦ୍ୱାରା ଦଶ ମୂଳ ମୋଦକ ମଧ୍ୟାହ୍ନ ଧୂପ ପରେ ଶ୍ରୀମନ୍ଦିର ଗାରଦଙ୍କୁ ହସ୍ତାନ୍ତର କରାଯାଇଛି। ଏକାଦଶୀ ତିଥିରେ ଏହି ଔଷଧ ସେବନ ପରେ ଶ୍ରୀଜୀଉ ସମ୍ପୂର୍ଣ୍ଣ ସୁସ୍ଥ ହେବେ। ଆସନ୍ତାକାଲି ଏକାଦଶୀ ତିଥିରେ ଦଶମୂଳ ମୋଦକ ସେବନ ପରେ ଏହାର ପରଦିନ ଦ୍ୱାଦଶୀ ତିଥିରେ ଦଇତାପତିମାନେ ଶ୍ରୀନଅରକୁ ଯାଇ ମହାପ୍ରଭୁଙ୍କ ସୁସ୍ଥତା ଖବର ଗଜପତି ମହାରାଜାଙ୍କୁ ଦେବାର ପରମ୍ପରା ରହିଛି।

## ରଥଯାତ୍ରା ପ୍ରସ୍ତୁତି ବୈଠକ

**ମାଲକାନଗିରି** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ରଥଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯାନବାହାନ ନିୟନ୍ତ୍ରଣ ଏବଂ ଆଇନ୍ ଶୃଙ୍ଖଳା ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ରଥଯାତ୍ରା ଦିନ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ

ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ.ଏଚ୍ ଉପସ୍ଥିତ ଥିଲେ ।

## ସଚେତନତା କାର୍ଯ୍ୟକ୍ରମ

**ମାଲକାନଗିରି** ଜିଲ୍ଲାର ବିଭିନ୍ନ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳି ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଓ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ଅଧିକାରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଥମିକ ଚିକିତ୍ସାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଏହାସହ ଉଦ୍ଧାର ଓ ରିଲିଫ କାର୍ଯ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ।

# ପାଣିପାଗ

ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*******************************